# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 5 March - 2025

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ଶିକ୍ଷା, ଦକ୍ଷତା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରକୁ ବଜେଟ୍‌ରେ ସରକାର ପ୍ରାଥମିକତା ଦେଇଛନ୍ତି; କହିଲେ ପ୍ରଧାନମନ୍ତ୍ରୀ
- ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ୧୦୯ତମ ଜୟନ୍ତୀରେ ରାଜ୍ୟବାସୀ ଦେଲେ ଶ୍ରଦ୍ଧାଞ୍ଜଳି
- ଫାଲଗୁନ ଶୁକ୍ଲପକ୍ଷ ତିଥିରେ ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉମାନଙ୍କର ବନକଲାଗି ନୀତି ପାଇଁ ଅପରାହ୍ନ ୫ଟାରୁ ବନ୍ଦ ରହିବ ସାଧାରଣ ଦର୍ଶନ

ଏବଂ

- ଆସନ୍ତା ଶନିବାର ଦିନ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ହେବ ଅନୁଷ୍ଠିତ

*Desk*

# ପିଏମ୍- ଓ୍ୱେବିନାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଆଗାମୀ ୨୦୨୫-୨୬ ବଜେଟ୍‌ରେ ପୁଞ୍ଜିନିବେଶ କ୍ଷେତ୍ରରେ ବିନିର୍ମାଣ ଏବଂ ଶିଳ୍ପ କ୍ଷେତ୍ରକୁ ଯେଉଁଳି ପ୍ରାଥମିକତା ଦିଆଯାଇଛି। ଅର୍ଥନୀତି ଏବଂ ନବସୃଜନକୁ ମଧ୍ୟ ସମାନ ପରିମାଣରେ ପ୍ରାଥମିକତା ଦିଆଯାଇଛି  ବୋଲି ନିଯୁକ୍ତି ସମ୍ପର୍କିତ ବଜେଟ୍ ପରବର୍ତ୍ତୀ ଓ୍ୱିବିନାରକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି। ନିଯୁକ୍ତି ସୃଷ୍ଟି ହେଉଛି ସରକାରଙ୍କ ଅନ୍ୟତମ ପ୍ରାଥମିକତା ବୋଲି ଶ୍ରୀ ମୋଦୀ କହିଛନ୍ତି । ଏହି ଅବସରରେ ଶ୍ରୀ ମୋଦୀ କହିଛନ୍ତି, ଶିକ୍ଷା, ଦକ୍ଷତା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରକୁ ସରକାର ଅଗ୍ରାଧିକାର ଦେଉଛନ୍ତି। ଭାରତର ଶିକ୍ଷା ବ୍ୟବସ୍ଥା ଅନେକ ଦଶନ୍ଧି ପରେ ବର୍ତ୍ତମାନ ପରିବର୍ତ୍ତନ ହେଉଛି।  ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରେ ଟେଲି ମେଡିସିନ୍ ସୁବିଧା ଯୋଗାଇ ଦିଆଯିବା ସହିତ ଡିଜିଟାଲ ସ୍ୱାସ୍ଥ୍ୟ ସେବା ଢ଼ାଞ୍ଚାରେ ସ୍ୱାସ୍ଥ୍ୟସେବାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ଲାଗି ସରକାର ଉଦ୍ୟମ ଜାରି ରଖିଛନ୍ତ। ପ୍ରଧାମନ୍ତ୍ରୀ କହିଛନ୍ତି...

**V/O**

*Desk*

## ଗ୍ରାମପଞ୍ଚାୟତିରାଜ-ଓ୍ୱମେନ ର୍ୟାଲି

ପଞ୍ଚାୟତରାଜ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍‌ପି ସିଂହ ବାଘେଲ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ ଅନୁପ୍ରିୟା ପଟେଲ ଆଜି ନୂଆଦିଲ୍ଲୀଠାରେ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ମହିଳା ଅନୁକୂଳ ଗ୍ରାମପଞ୍ଚାୟତ ମଡେଲର ଶୁଭାରମ୍ଭ କରିଛନ୍ତି । ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ମହିଳା ଅନୁକୂଳ ଗ୍ରାମପଞ୍ଚାୟତ ସ୍ଥାପନ କରିବା ମନ୍ତ୍ରଣାଳୟର ଲକ୍ଷ୍ୟ ରହିଛି । ଲିଙ୍ଗଗତ ସମ୍ବେଦନଶୀଳତା ଏବଂ ବାଳିକା ଅନୁକୂଳ ଶାସନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଦିଗରେ ଏହି ପଦକ୍ଷେପ ବିଶେଷ ସହାୟକ ହେବ ବୋଲି କୁହାଯାଉଛି । ଆନ୍ତର୍ଜାତିକ ମହିଳା ଦିବସ ପାଳନ ପୂର୍ବରୁ ମନ୍ତ୍ରଣାଳୟ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ।

*Sonepur/Ganjam/Desk*

## ବିଜୁ ଜୟନ୍ତୀ

ଓଡ଼ିଶାର ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ଆଜି ପାଳନ କରାଯାଉଛି । ଓଡ଼ିଶାର ବିକାଶ ତଥା ଜନସାଧାରଣଙ୍କ ସଶକ୍ତୀକରଣ ଦିଗରେ ବିଜୁ ପଟ୍ଟନାୟକଙ୍କ ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି । ବିଜୁବାବୁ ଗଣତାନ୍ତ୍ରିକ ଆଦର୍ଶ ପ୍ରତି

ମଧ୍ୟ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ଥିଲେ ଏବଂ ଜରୁରୀକାଳୀନ ପରିସ୍ଥିତିକୁ ଦୃଢ଼ ବିରୋଧ କରିଥିଲେ ବୋଲି ତାଙ୍କ ଜୟନ୍ତୀ ଅବସରରେ ଶ୍ରୀ ମୋଦୀ କହିଛନ୍ତି ।

ରାଜ୍ୟପାଳ ଡକ୍ଟର ହରିବାବୁ କୁମ୍ଭମପଟି ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

ଓଡ଼ିଶା ବିଧାନସଭା ପରିସରରେ ମହାନ ଜନନାୟକ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି...

**- V/O -**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଜୁ ପଟ୍ଟନାୟକଙ୍କୁ ସ୍ମରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

ଭୁବନେଶ୍ୱର ଜୟଦେବ ଭବନଠାରେ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଏହି ଅବସରରେ ଆୟୋଜିତ ହେବାକୁ ଥିବା ଉତ୍ସବରେ ବିଜୁ ପଟ୍ଟନାୟକଙ୍କ ଜୀବନୀ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀର ଉଦ୍‌ଘାଟନ ହେବ ।

ସେହିପରି ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ବିଜୁବାବୁଙ୍କ ଜୟନ୍ତୀ ପାଳନ କରାଯାଉଛି । ଗଞ୍ଜାମ ଜିଲ୍ଲା ଛତ୍ରପୁରଠାରେ ଜିଲ୍ଲାସ୍ତରୀୟ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଛି । ବ୍ରହ୍ମପୁର ବିଧାୟକ ଶ୍ରୀ କେ. ଅନୀଲ କୁମାର, ଛତ୍ରପୁର ବିଧାୟକ ଶ୍ରୀକୃଷ୍ଣ ନାୟକଙ୍କ ସହ ବିଶିଷ୍ଟ ବ୍ୟକ୍ତିମାନେ କାର୍ଯ୍ୟକ୍ରମରେ ଯୋଗଦେଇ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ସୁବର୍ଣ୍ଣପୁର, ବୀରମହାରାଜପୁର, ବିନିକା ଓ ତରଭାଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରଦ୍ଧାଞ୍ଜଳି ଦିଆଯାଇଛି ।

***Boudh***

## ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ

ବୌଦ୍ଧ ଜିଲ୍ଲା ଯୋଗିନ୍ଦ୍ରଦେବ ହାଇସ୍କୁଲଠାରେ ଜିଲ୍ଲାସ୍ତରୀୟ ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ସମ୍ପର୍କିତ ଏକ ପ୍ରସ୍ତୁତି ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲା ଶିକ୍ଷା ଅଧିକରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସନ୍ତା ମାସ ୧ ତାରିଖଠାରୁ ଜିଲ୍ଲାରେ ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହୋଇ ବ୍ୟାପକ ସଚେତନତା ସୃଷ୍ଟି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି ।

*Nuapada*

## ବାର୍ଷିକ ଉତ୍ସବ

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଲୋକଦୃଷ୍ଟି ମହାବିଦ୍ୟାଳୟର ୧୭ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଯୋଗଦେଇ ଶିକ୍ଷାଦାନ ବ୍ୟବସ୍ଥାରେ ଏହି ମହାବିଦ୍ୟାଳୟ ଅଗ୍ରଣୀ ଭୂମିକା ଗ୍ରହଣ କରୁଥିବା ନେଇ ମତ ରଖିଛନ୍ତି। ଦୀର୍ଘ ୧୭ ବର୍ଷ ଧରି ଏହି ଶିକ୍ଷାନୁଷ୍ଠାନ ପିଲାଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ କରିବା ସହ କମ୍ପ୍ୟୁଟର ଏବଂ ବିଜ୍ଞାନ ଶିକ୍ଷାରେ ଅନେକ ଉଲ୍ଲେଖନୀୟ ଅବଦାନ ସୃଷ୍ଟି କରିଛି ବୋଲି ବିଧାୟକ ଶ୍ରୀ ପାଣିଗ୍ରହୀ କହିଛନ୍ତି।

*BHK*

## ଜନଶୁଣାଣି ଶିବିର

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକର ଗୋବିନ୍ଦପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଆଜି ଅନୁଷ୍ଠିତ ହୋଇଥିବା ଜନଶୁଣାଣି ଶିବିରରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇଛନ୍ତି। ଜନସାଧାରଣଙ୍କ ଆପତ୍ତି ଅଭିଯୋଗକୁ ମନ୍ତ୍ରୀ ଶୁଣିବା ସହ ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଭଦ୍ରକ ଜିଲ୍ଲା ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୦୦ଟି ଅଭିଯୋଗର ଶୁଣାଣି ହୋଇଥିବା ନେଇ ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି।

*Desk*

# ବନକଲାଗି

ଫାଲଗୁନ ଶୁକ୍ଳଷଷ୍ଠୀ ତିଥି ଉପଲକ୍ଷେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ଏହି ନୀତିକାନ୍ତି ଆରମ୍ଭ ହେବ। ଏଥିପାଇଁ ଅପରାହ୍ଣ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

***BBSR/R***

# ସୁଭଦ୍ରା ର୍‍ୟାଲି

ରାଜ୍ୟର ସମସ୍ତ ପଞ୍ଚାୟତରେ ଆଜି 'ସୁଭଦ୍ରା ସହିତ ସାମିଲ ହେବା, ଓଡ଼ିଶା ସମୃଦ୍ଧିର ମଙ୍ଗ ଧରିବା' ବାର୍ତ୍ତା ନେଇ ସୁଭଦ୍ରା ପଦଯାତ୍ରା ଆୟୋଜିତ ହୋଇଯାଇଛି। ରାଜ୍ୟର ସମସ୍ତ ଯୋଗ୍ୟ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରିବା ଏହାର ଲକ୍ଷ୍ୟ। ଭୁବନେଶ୍ୱରର ଖଣ୍ଡଗିରିଠାରୁ ଏହି ପଦଯାତ୍ରା ଆରମ୍ଭ ହୋଇଥିଲା। ଏହି ଯୋଜନାରୁ ଲାଭ ପାଇଥିବା ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ। ଏହି ଶୋଭାଯାତ୍ରାରେ ଏକ୍ରାମ୍ ତଥା ବିଜେପି ବିଧାୟକ ବାବୁ ସିଂ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ଯୋଗ ଦେଇଥିଲେ ।

***Nabarangpur***

# ଆନ୍ତର୍ଜାତୀୟ ମହିଳା ଦିବସ

ମହିଳାମାନଙ୍କୁ ସଶକ୍ତ କରିବା ନେଇ ଆସନ୍ତା ଶନିବାର ୮ ତାରିଖ ଦିନ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଉଛି। ଏହାକୁ ନେଇ ଆସନ୍ତୁ ଶୁଣିବା ଆମ ନବରଙ୍ଗପୁର ସମ୍ବାଦଦାତା ପ୍ରଭାତୀ କୁମାର ବିଷୋୟୀ ଦେଇଥିବା ଏକ ସ୍ୱତନ୍ତ୍ର ରିପୋର୍ଟ...

**- V/O –**

***Cuttack/R***

# ରାଷ୍ଟ୍ରୀୟ ଲୋକ ଅଦାଲତ

ଉଚ୍ଚ ନ୍ୟାୟାଳୟ ସମେତ କଟକ ଜିଲ୍ଲାସ୍ତରୀୟ ସିଭିଲ୍ କୋର୍ଟ ଓ ତାଲୁକସ୍ତରୀୟ ବିଭାଗୀୟ କୋର୍ଟ ପରିସରରେ ଆସନ୍ତା ଶନିବାର ୮ ତାରିଖ ଦିନ ପୂର୍ବାହ୍ନ ୧୦ଟାବେଳେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହି ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ବିଚାରାଧୀନ ମକଦ୍ଦମା, ଶ୍ରମ ବିବାଦ, ପାରିବାରିକ ସମସ୍ୟା ଓ ଜମି ଅଧିଗ୍ରହଣ ଭଳି ବିଭିନ୍ନ ମାମଲାର ସମାଧାନ କରାଯିବ ।

***Boudh***

# ଦକ୍ଷତା ପ୍ରଶିକ୍ଷଣ

ବୌଦ୍ଧ ଜିଲ୍ଲା ସହକାରୀ ଉଦ୍ୟାନ କୃଷି କାର୍ଯ୍ୟାଳୟରେ କୃଷକ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉଦ୍ୟାନ କୃଷି ମାଧ୍ୟମରେ

ଚାଷୀ କିପରି ଲାଭବାନ ହୋଇପାରିବେ ସେ ସମ୍ପର୍କରେ ବୈଷୟିକ ଅଧିକାରୀମାନେ ପ୍ରଶିକ୍ଷଣ ଦେଇଛନ୍ତି। କାର୍ଯ୍ୟକ୍ରମରେ ଚାଷୀ, ସ୍ୱୟଂସହାୟକ ମହିଳା ଗୋଷ୍ଠୀର ସଦସ୍ୟମାନେ ଯୋଗ ଦେଇଥିଲେ।